# NATIONAL NEWS BULLETIN (ODIA)

## 20 January - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆରାବଳୀ ପର୍ବତମାଳା ସ୍ଥିତ କୁମ୍ଭଲଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷିତ ।
- ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେଲେ ନୀତିନ ନବୀନ ।

– ଗତ ୧୧ ବର୍ଷ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସଭାଜନ ଦଳର ଏକ ଉଲ୍ଲେଖନୀୟ ଯାତ୍ରା, କହିଲେ ପ୍ରଧାନମନ୍ତ୍ରୀ ।

- ପାକିସ୍ତାନ କରାଚୀ ସ୍ଥିତ ଏକ ବ୍ୟବସାୟ ପ୍ରତିଷ୍ଠାନରେ ଅଗ୍ନିକାଣ୍ଡ ଯୋଗୁଁ ୨୮ ଜଣଙ୍କର ମୃତ୍ୟୁ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ଯାଦବ-ସେଞ୍ଚୁରୀ ଇଏସ୍‌ଜେଡ୍

ଆରାବଲୀ ପର୍ବତମାଳା ଅଞ୍ଚଳରେ ଅବସ୍ଥିତ କୁମ୍ଭଲଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇଛି । ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, ଏଭଳି ପଦକ୍ଷେପ ସେଠାକାର ଉଦ୍ଭିଦ ଏବଂ ପ୍ରାଣୀ ସମ୍ପଦକୁ ସୁରକ୍ଷା ପ୍ରଦାନ କରିବା ସହ ବସାବସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କୁ ସହଯୋଗ ପ୍ରଦାନ କରିବ । କୁମ୍ଭଲଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟର ଏକ କିଲୋମିଟର ପରିଧି ମଧ୍ୟରେ ଚିତାବାଘ, ହେଟାବାଘ, ଜଙ୍ଗଲ ବିଲେଇ, ନୀଳଗାଈ, ଚିଙ୍କାରା ଭଳି ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ଏବଂ ଫ୍ରାଙ୍କୋଲିନ୍ ଭଳି ପକ୍ଷୀ ପ୍ରଜାତି ବସବାସ କରୁଛନ୍ତି ବୋଲି ଶ୍ରୀ ଯାଦବ କହିଛନ୍ତି । ଜୈବିକ କୃଷି ଏବଂ କୃଷି ବନୀକରଣ ଭଳି ପରିବେଶ ଅନୁକୂଳ ଏବଂ ସମ୍ପ୍ରଦାୟ କୈନ୍ଦ୍ରିକ ପଦକ୍ଷେପକ ଗୁଡ଼ିକୁ ଏହି ନିଷ୍ପତ୍ତି ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଶ୍ରୀ ଯାଦବ ଆଶାବ୍ୟକ୍ତ କରିଛନ୍ତି ।

# ନୀତିନ ନବୀନ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନୀତିନ ନବୀନ ନିର୍ବାଚିତ ହୋଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ଦଳୀୟ ମୁଖ୍ୟାଳୟ ଠାରେ ଅନୁଷ୍ଠିତ ସଂଗଠନ ପର୍ବ ପାଳନ ଅବସରରେ ଦଳୀୟ ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡକ୍ଟର କେ. ଲକ୍ଷ୍ମଣ ଆଜି ଶ୍ରୀ ନବୀନଙ୍କ ନାବ ଘୋଷଣା କରିବା ସହ ତାଙ୍କୁ ନିର୍ବାଚନୀ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଉପସ୍ଥିତ ଥିବା ବରିଷ୍ଠ ଦଳୀୟ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଶ୍ରୀ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଶ୍ରୀ ମୋଦୀ ଏହି ଅବସରରେ ନିର୍ବାଚିତ ସଭାପତି ଶ୍ରୀ ନବୀନଙ୍କ ସାଙ୍ଗଠନିକ କାର୍ଯ୍ୟ ଏବଂ ଅଭିଜ୍ଞତା ଉପରେ ଆଲୋକପାତ କରି କହିଛନ୍ତି, ଦଳର ନେତୃତ୍ୱ ପରମ୍ପରା ଆଧାରରେ ପରିଚାଳିତ, ଅଭିଜ୍ଞତା ଦ୍ୱାରା ସମୃଦ୍ଧ ଏବଂ ଜନସେବା ଓ ଜାତୀୟ ସେବାର ମନଭାବ ସହିତ ଆଗକୁ ବଢୁଛି । ଗତ ୧୧ ବର୍ଷ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସ ଅର୍ଜନ କରିବା ଦଳର ଏକ ଉଲ୍ଲେଖନୀୟ ଯାତ୍ରା ବୋଲି ଶ୍ରୀ ମୋଦୀ କହିଛନ୍ତି । ଲୋକଙ୍କ ସେବାକୁ ବିଜେପି ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଆସୁଛି ବୋଲି ସେ କହିଛନ୍ତି ।

**VO-1-PM-ON--11-YEARS**

# ଏସ୍‌ସି-ମେନକା ଡଗ୍ ଇସୁ

ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ସମ୍ପର୍କରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମେନକା ଗାନ୍ଧିଙ୍କ ସମାଲୋଚନା ମୂଳକ ମନ୍ତବ୍ୟକୁ ନେଇ ସୁପ୍ରିମ୍‌କୋର୍ଟ୍ ଆଜି ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆଙ୍କ ପୀଠ କହିଛନ୍ତି, ଏଭଳି ମନ୍ତବ୍ୟ କୋର୍ଟ୍ ଅବମାନନା ସଦୃଶ୍ୟ । ତେବେ କୋର୍ଟ୍‌ଙ୍କ ମହାନତା ଯୋଗୁଁ ଶ୍ରୀମତୀ ଗାନ୍ଧିଙ୍କ ବିରୁଦ୍ଧରେ ଅବମାନନା ମାମଲା ଆରମ୍ଭ କରାଯାଉ ନାହିଁ ବୋଲି ପୀଠ ସ୍ପଷ୍ଟ କରିଛନ୍ତି ।

କୋର୍ଟ୍ କହିଛନ୍ତି, ବିଚାରଧାରା ଶୂନ୍ୟ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ଗାନ୍ଧି ତାଙ୍କର ମନ୍ତବ୍ୟ ପ୍ରକାଶ କରୁଛନ୍ତି । ବୁଲା କୁକୁରଙ୍କୁ ଖାଦ୍ୟ ପ୍ରଦାନ କରୁଥିବା ଲୋକଙ୍କୁ ଦାୟୀ କରିବା ନେଇ ସୁପ୍ରିମ୍‌କୋର୍ଟଙ୍କ ଦୃଷ୍ଟିକୋଣ ଉପରେ ଶ୍ରୀମତୀ ଗାନ୍ଧିଙ୍କ ମନ୍ତବ୍ୟ ବ୍ୟଙ୍ଗାତ୍ମକ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଗତ ୧୩ ତାରିଖରେ ଏହି ମାମଲାର ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ୍ କହିଥିଲେ, କୁକୁର କାମୁଡ଼ା ଘଟଣାରେ ପିଡ଼ିତଙ୍କୁ ରାଜ୍ୟ ସରକାର ଭାରି କ୍ଷତି ପୂରଣ ଦେବାକୁ ପଡ଼ିବ । ଏପରିକି ଏହି ଘଟଣାରେ କୁକୁରଙ୍କୁ ଖାଦ୍ୟ ପ୍ରଦାନ କରୁଥିବା ଲୋକଙ୍କୁ ମଧ୍ୟ ଦାୟି କରାଯିବ ବୋଲି କୋର୍ଟ୍ କହିଥିଲେ । ଗତ ୫ ବର୍ଷ ମଧ୍ୟରେ ବୁଲା କୁକୁର ପ୍ରସଙ୍ଗ ନେଇ କୌଣସି ନିୟମ କାର୍ଯ୍ୟକାରୀ ନ ହେବା ଉପରେ କୋର୍ଟ୍ ଚିନ୍ତା ପ୍ରକଟ କରିଛନ୍ତି ।

## ଭିପି-ଇନାଗୁରେସନ୍

ନୂଆଦିଲ୍ଲୀରେ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ମହାଦେବ ଦେଶାୟୀ ପାଠାଗାରର ସମ୍ପ୍ରସାରିତ କୋଠାକୁ ଉଦ୍‌ଘାଟନ କରିବା ସହ 'ପ୍ରଜ୍ଞାନ ଯୁଗ ମହାତ୍ମା ଗାନ୍ଧିଙ୍କ ଦୃଷ୍ଟି' ଶୀର୍ଷକ ପୁସ୍ତକର ଉନ୍ମୋଚନ କରିଛନ୍ତି । ଗାନ୍ଧି ଆଶ୍ରମର ହରିଜନ ସେବକ ସଂଘକୁ ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି । ଆଶ୍ରମ ପରିସର ମଧ୍ୟରେ ଥିବା କସ୍ତୁରବା ସଂଗ୍ରହାଳୟ ମଧ୍ୟ ଶ୍ରୀ ରାଧାକ୍ରିଷ୍ଣନ୍ ପରିଦର୍ଶନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ପାଠାଗାର ହେଉଛି ସାମାଜିକ ପରିବର୍ତ୍ତନର ଏକ ମାଧ୍ୟମ । ଜ୍ଞାନ, ଚରିତ୍ର, ବିବେକ ଏବଂ ସାମାଜିକ ଦାୟିତ୍ୱକୁ ଏହା ଆକାର ପ୍ରଦାନ କରିଥାଏ ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି ।

## ପାକ୍ ଫାୟାର୍

ପାକିସ୍ତାନ କରାଚି ସ୍ଥିତ ଏକ ବ୍ୟବସାୟ ପ୍ରତିଷ୍ଠାନରେ ଅଗ୍ନିକାଣ୍ଡ ଯୋଗୁଁ ୨୮ ଜଣଙ୍କର ମୃତ୍ୟୁ ହୋଇଛି । ୮୦ରୁ ଅଧିକ ଲୋକ ଏବେ ମଧ୍ୟ ଉଦ୍ଧାର ହୋଇପାରି ନ ଥିବା ପୁଲିସ୍ କହିଛି । ଗତ ଶନିବାର ରାତିରେ ହୋଇଥିବା ଏହି ଅଗ୍ନିକାଣ୍ଡ ଘଟଣାରେ ଏ ପର୍ଯ୍ୟନ୍ତ ୨୮ଟି ମୃତ ଦେହ ଜିହ୍ନା ଏବଂ ସିଭିଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି ବୋଲି ପୁଲିସ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

ଅଗ୍ନିକାଣ୍ଡ ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୧୮ଟି ମୃତ ଦେହକୁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟମାନଙ୍କର ପରିଚୟକୁ ନିଶ୍ଚିତ କରିବା ପାଇଁ ଡି.ଏନ୍.ଏ. ପରୀକ୍ଷା କରାଯାଉଛି ବୋଲି ସେ କହିଛନ୍ତି । ଏହି ବ୍ୟବସାୟ ପ୍ରତିଷ୍ଠାନର ନିମ୍ନ ମହଲାରେ ଥିବା ଏକ ଖୁଚୁରା ବିକ୍ରୟ କେନ୍ଦ୍ରରେ ନିଆଁ ଲାଗିବା ଫଳରେ ସମ୍ପୂର୍ଣ୍ଣ କୋଠାଟିରେ ଅଗ୍ନି ବ୍ୟାପି ଯାଇଥିଲା । ସେଠାରେ ୧୨୦୦ଟି ଦୋକାନ ରହିଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି ।

# ପିଏମ୍-ଗିରିରାଜ ଆର୍ଟିକିଲ୍

ଦେଶର ବୟନ ଶିଳ୍ପ କ୍ଷେତ୍ର ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା ସହିତ ଆତ୍ମନିର୍ଭର ଭାରତର ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଏକ ଜାତୀୟ ଦୈନିକ ଖବର କାଗଜରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଦ୍ୱାରା ପ୍ରକାଶିତ ଏକ ଆଲେଖ୍ୟ ଉପରେ ମତାମତ ଦେଇ ଶ୍ରୀ ମୋଦୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ପାରମ୍ପରିକ ଏକ ପୁରାତନ ଶୈଳୀରୁ ଏକ ଶକ୍ତିଶାଳୀ, ନିଯୁକ୍ତି ସୃଷ୍ଟି ଏବଂ ଲୋକକୈନ୍ଦ୍ରିକ ଅଭିବୃଦ୍ଧି ଭାବରେ ବୟନଶିଳ୍ପ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ମିତ୍ର ପାର୍କ, ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ଏବଂ ନବସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଭଳି ପଦକ୍ଷେପ ବୟନ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧିର ମାର୍ଗ ଉନ୍ମୁକ୍ତ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ମହାରାଷ୍ଟ୍ରର ବେମ୍ବଲା ଜଳସେଚନ ପ୍ରକଳ୍ପ ସମ୍ପର୍କରେ ।

୨୦୦୭ ଏପ୍ରିଲ୍ ୨ ତାରିଖରେ ୨ହଜାର ୬୦୫ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ ବେମ୍ବଲା ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ମହାରାଷ୍ଟ୍ରର ବିଦର୍ଭ କ୍ଷେତ୍ରରେ ନିରନ୍ତର କୃଷି ପଦକ୍ଷେପକୁ ସୁଦୃଢ଼ କରିବା, ବିଭିନ୍ନ ତହସିଲରେ ଜଳସେଚନକୁ ଅଧିକ ବ୍ୟାପକ କରିବା ଏବଂ ମରୁଡ଼ି

ପ୍ରବଣ ଅଞ୍ଚଳରେ କୃଷି ଉତ୍ପାଦନକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ଅନୁମୋଦିତ ହୋଇଥିଲା ।

ତେବେ କାର୍ଯ୍ୟାନ୍ୱୟନ ସମୟରେ ସୃଷ୍ଟ ଆହ୍ୱାନ ପ୍ରକଳ୍ପର ଅଗ୍ରଗତି କ୍ଷେତ୍ରରେ ବାଧାସୃଷ୍ଟି କରିଥିଲା । ୨୦୨୩ ଅକ୍ଟୋବର ୨୫ ତାରିଖରେ ପ୍ରଗତୀ ବ୍ୟବସ୍ଥା ଅଧୀନରେ  ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆହ୍ୱାନ ଗୁଡ଼ିକର ସମାଧାନ ହେବା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ରାଜ୍ୟ ସରକାର କ୍ଷେତ୍ରସ୍ତରୀୟ ତଦାରଖକୁ ଅଧିକ ବ୍ୟାପକ କରିବା ସହିତ କାର୍ଯ୍ୟ ତ୍ୱରାନ୍ୱୟନ ନେଇ ବ୍ୟାପକ ରଣନୀତି ଗ୍ରହଣ କରିଥିଲେ । ଗତବର୍ଷ ଜୁନ୍ ୩୦ ତାରିଖରେ ବେମ୍ବଲା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ପ୍ରଗତୀ ବ୍ୟବସ୍ଥା ଅଧୀନରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆହ୍ୱାନଗୁଡ଼ିକର ସମାଧାନ ସହିତ ଏଭଳି ବୃହତ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ସମ୍ପନ୍ନ ହୋଇପାରିଛି ।

## ଇଣ୍ଡିଆନ୍ ରେଲୱେଜ୍

ଭାରତୀୟ ରେଳବାଇର 'ଏକ ଷ୍ଟେସନ୍ ଏକ ଉତ୍ପାଦ' – ଓ.ଏସ୍.ଓ.ପି. ଯୋଜନା ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଦେଶ ବ୍ୟାପି ସ୍ଥାୟୀ ଜୀବିକା ସୃଷ୍ଟି କ୍ଷେତ୍ରରେ ଏକ ପ୍ରମୁଖ ପଦକ୍ଷେପ ପାଲଟିଛି ବୋଲି ରେଳ ମନ୍ତ୍ରଣାଳୟ କହିଛି । ୨ହଜାରରୁ ଅଧିକ ରେଳ

ଷ୍ଟେସନ୍ ଏହି ଯୋଜନାରେ ସାମିଲ ହୋଇଛନ୍ତି । ରେଳ ଯାତ୍ରୀଙ୍କୁ ସିଧାସଳଖ ବଜାର ସୁବିଧା ପ୍ରଦାନ ସହ ଏହି ଯୋଜନା ଦ୍ୱାରା ଏକ ଲକ୍ଷ ୩୨ ହଜାରରୁ ଅଧିକ କାରିଗର, ବୁଣାକାର ଏବଂ କ୍ଷୁଦ୍ର ଉଦ୍ୟୋଗୀ ଉପକୃତ ହେଉଛନ୍ତି । ମନ୍ତ୍ରଣାଳୟ କହିଛି, ସଂସ୍କୃତି ଏବଂ ବାଣିଜ୍ୟକୁ ସମନ୍ୱିତ କରି ଷ୍ଟେସନ୍‌ଗୁଡ଼ିକ ସ୍ଥାନୀୟ ଉଦ୍ୟୋଗର ଏକ କେନ୍ଦ୍ର ଭାବେ ପରିଣତ ହୋଇଛି ।

ଏହି ଯୋଜନା ଭୋକାଲ୍ ଫର୍ ଲୋକାଲ୍ ଭାବନାକୁ ପ୍ରତିଫଳିତ କରୁଛି । ସ୍ଥାନୀୟ ଐତିହ୍ୟକୁ ଜାତୀୟ ରେଳ ନେଟ୍‌ୱର୍କ ସହିତ ସଂଯୋଗ କରି ଏହି ଯୋଜନା ଅନ୍ତର୍ଭୁକ୍ତି ଯୁକ୍ତ ଅର୍ଥନୈତିକ ଅଭିବୃଦ୍ଧିକୁ ଗତିଶୀଳ କରିଛି ବୋଲି ମନ୍ତ୍ରଣାଳୟ କହିଛି ।

## କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ବଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ଠାରେ ଆଉ ଅଳ୍ପ ସମୟ ମଧ୍ୟରେ ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଏକ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆରମ୍ଭ ହେବ । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।